# ନେତାଜୀ ସିଟି କଲେଜ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର



କଟକ,୬।୨(ଇମିସ): ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ ପଦାର୍ଥ ବିଜ୍ଞାନ ପକ୍ଷରୁ 'କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା'କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ରୀନା ଘଡ଼େଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରଫେସର ଡକ୍ଟର ଲଲାଟେନ୍ଦୁ ବିଶ୍ୱାଳ ଯୋଗ ଦେଇଥିଲେ। ସଭାରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ସୁଜାତା ସ୍ୱପ୍ନା ନାୟକ ସ୍ୱାଗତ ଭାଷଣ ଦେବା ସହ ବିଷୟବସ୍ତୁ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଦୀପକ କୁମାର ସିଂହ ଅତିଥି ପରିଚୟ ପ୍ରଦାନ ସହ ଡକ୍ଟର ବିଶ୍ୱାଳଙ୍କ ଗବେଷଣା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ବିଦ୍ୟାଧର ବାରିକ ଓ କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପକ ଦୀପକ ରଞ୍ଜନ ଓଝା ଧନ୍ୟବାଦ ଦେଇଥିଲେ।

CUTTACK Edition
Page No.8 February 07, 2026